# NATIONAL NEWS BULLETIN (ODIA)

**19 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ସ୍ୱାଧୀନତା ସଂଗ୍ରାମୀ ମଙ୍ଗଲ ପାଣ୍ଡେଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ପ୍ରଧାନମନ୍ତ୍ରୀ

- ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ଲାଗି ପ୍ରତ୍ୟେକ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ; କହିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

- ବିକଶିତ ଭାରତ ଗଠନ ଲାଗି ସମସ୍ତ ଲକ୍ଷ୍ୟ ପୂରଣ କରିବାର ଆବଶ୍ୟକତା ରହିଛି; କହିଲେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ

ଏବଂ

- ଉତ୍ତରପ୍ରଦେଶରେ ଆଜି ଦୁଇଟି ଦୁର୍ଘଟଣାରେ ୬ ମୃତ; ୧୯ ଆହତ

# ପିଏମ୍ ମଙ୍ଗଲ ପାଣ୍ଡେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସ୍ୱାଧୀନତା ସଂଗ୍ରାମୀ ମଙ୍ଗଲ ପାଣ୍ଡେଙ୍କୁ ତାଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମଙ୍ଗଲ ପାଣ୍ଡେଙ୍କୁ ଦେଶର ପ୍ରମୁଖ ଯୋଦ୍ଧା ଭାବେ ପ୍ରଶଂସା କରି ଶ୍ରୀ ମୋଦୀ କହିଛନ୍ତି, ସେ ବ୍ରିଟିଶ ଶାସନ ବିରୁଦ୍ଧରେ ଏକ ହେବାକୁ ଆହ୍ୱାନ ଦେଇଥିଲେ। ମଙ୍ଗଲ ପାଣ୍ଡଙ୍କ ସାହସ ଏବଂ ବୀରତ୍ୱର କାହାଣୀ ଦେଶବାସୀଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମଙ୍ଗଲ ପାଣ୍ଡେଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ତାଙ୍କୁ ଦେଶପ୍ରେମର ବଳିଷ୍ଠ ପ୍ରେରଣା ଭାବେ ଅଭିହିତ କରିଛନ୍ତି। ସେ କହିଛନ୍ତି, ବିଦ୍ରୋହର ଅଗ୍ନିକୁ ପ୍ରଜ୍ୱଳିତ କରିବାରେ ମଙ୍ଗଲ ପାଣ୍ଡେଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଶ୍ରୀ ଶାହା କହିଛନ୍ତି, ୧୮୫୭ ବିଦ୍ରୋହକୁ ମଙ୍ଗଲ ପାଣ୍ଡେ ଆହୁରି ଜୋରଦାର କରିଥିଲେ, ଯାହା ଫଳରେ ବ୍ରିଟିଶ ଶାସନ ଭୟଭୀତ ହୋଇପଡ଼ିଥିଲା। ତାଙ୍କ ନେତୃତ୍ୱରେ ବାରାକପୁର କ୍ୟାଣ୍ଟନମେଣ୍ଟ ସ୍ୱାଧୀନତା ଆନ୍ଦୋଳନର କେନ୍ଦ୍ର ପାଲଟିଥିଲା। ପ୍ରତ୍ୟେକ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ମଙ୍ଗଲ ପାଣ୍ଡେଙ୍କ ଜୀବନରୁ ପ୍ରେରଣା ନେବା ଉଚିତ ବୋଲି ଶ୍ରୀ ଶାହା କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଜେ.ପି.ନଡ୍ଡା ମଙ୍ଗଲ ପାଣ୍ଡେଙ୍କ ବଳିଦାନକୁ  ପ୍ରଶଂସା କରି କହିଛନ୍ତି, ତାଙ୍କ ଐତିହ୍ୟ ଭବିଷ୍ୟତ ପିଢ଼ିକୁ ପ୍ରେରଣା ଯୋଗାଇବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ସ୍ୱାଧୀନତା ସଂଗ୍ରାମୀ ମଙ୍ଗଲ ପାଣ୍ଡେଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେ କହିଛନ୍ତି, ଜାତୀୟ ଚେତନା

ଜାଗ୍ରତ କରିବା କ୍ଷେତ୍ରରେ ମଙ୍ଗଲ ପାଣ୍ଡେଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଆଗାମୀ ପିଢ଼ିକୁ ତାଙ୍କ ତ୍ୟାଗ ଏବଂ ସମର୍ପଣ ସର୍ବଦା ପ୍ରେରଣା ଦେବ ବୋଲି ଶ୍ରୀ ସିଂହ କହିଛନ୍ତି।

# କେରଳ ଆଇଆଇଟି ପ୍ରଧାନ

୨୦୪୭ ମସିହା ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବା ଲାଗି ଲକ୍ଷ୍ୟ ସ୍ଥିର କରାଯାଇଛି ଏବଂ ଏହି ଲକ୍ଷ୍ୟ ହାସଲ କରିବା କ୍ଷେତ୍ରରେ ପ୍ରତ୍ୟେକ ନାଗରିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଜି କେରଳର ପାଲକଡ଼ସ୍ଥିତ ଆଇ.ଆଇ.ଟି.ର ସପ୍ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପରିବହନ, ଚିକିତ୍ସା ସୁବିଧା ଏବଂ କୃଷି ସମେତ ବିଭିନ୍ନ କ୍ଷେତ୍ରରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣରେ ନେତୃତ୍ୱ ନେବାକୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଶିକ୍ଷାମନ୍ତ୍ରୀ କହିଛନ୍ତି, ବିଶ୍ୱ ଡିଜିଟାଲ କ୍ଷେତ୍ରରେ ଭାରତ ତାର ଦୃଢ଼ ଉପସ୍ଥିତି ଜାହିର କରିଛି। ପ୍ରଯୁକ୍ତିବିଦ୍ୟା ଏବଂ କୃଷିରେ ଆଧୁନିକ ପ୍ରଯୁକ୍ତିର ଗୁରୁତ୍ୱ ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ସାରା ଦେଶରେ ପ୍ରଯୁକ୍ତିବିଦ୍ୟାକୁ ନେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନୂତନ ଉତ୍ସାହ ସୃଷ୍ଟି ହୋଇଛି। ଏହି ଅବସରରେ ୩୨୮ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

# ୟୁଥ୍ ସ୍ପିରିଚୁଆଲ ସମିଟ୍

କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବୀୟ କହିଛନ୍ତି, ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲାଗି ସମସ୍ତ ଲକ୍ଷ୍ୟ

ପୂରଣ କରିବାର ଆବଶ୍ୟକତା ରହିଛି । ସେ କହିଛନ୍ତି, ଦେଶର ଯୁବପିଢ଼ିଙ୍କୁ ନିଶାମୁକ୍ତ କରିବା ଆଜିର ଆବଶ୍ୟକତା। ଆଜି ବାରଣାସୀରେ ଯୁବ ଆଧ୍ୟାତ୍ମିକ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ଉଦ୍‌ବୋଧନ ଦେଇ ଶ୍ରୀ ମାଣ୍ଡବୀୟ କହିଛନ୍ତି, ସମସ୍ତଙ୍କୁ ପ୍ରଥମେ ରାଷ୍ଟ୍ରର ଭାବନା ଗ୍ରହଣ କରିବାକୁ ପଡ଼ିବ। ଏହି ଅବସରରେ ସେ ରାଷ୍ଟ୍ର ନିର୍ମାଣରେ ସହଯୋଗ କରିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି ।

**V/O-Manshukh Manaviya**

କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡବୀୟ କହିଛନ୍ତି, ଯୁବପିଢ଼ିଙ୍କୁ ସଶକ୍ତ କରାଯାଉଛି ଏବଂ ସେମାନେ ଯେଭଳି ଦେଶ ଗଠନରେ ସକ୍ରିୟ ଭାବେ ଅଂଶଗ୍ରହଣ କରିପାରିବେ ତାହା ସୁନିଶ୍ଚିତ କରାଯାଉଛି । ନିଶାମୁକ୍ତ ଭାରତ ଗଠନ ଲାଗି ଲୋକମାନଙ୍କୁ ଅଭିଯାନରେ ସାମିଲ ହେବାକୁ ଏବଂ ଶପଥ ପାଠ କରିବା ଲାଗି ସେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରୀ ଡକ୍ଟର ବୀରେନ୍ଦ୍ର କୁମାର ଯୁବପିଢ଼ିଙ୍କୁ ନିଶାମୁକ୍ତ କରିବା ଲାଗି କେନ୍ଦ୍ର ସରକାର ଅନେକଗୁଡ଼ିଏ ଯୋଜନା କାର୍ଯ୍ୟକାରୀ କରୁଥିବା କହିଛନ୍ତି ।

ଆୟୋଜିତ ସମ୍ମିଳନୀରେ ଗୃହ ରାଷ୍ଟ୍ରେ ମନ୍ତ୍ରୀ ନିତ୍ୟାନନ୍ଦ ରାଏ ଯୋଗଦେଇ କହିଛନ୍ତି, କାଶୀ ହେଉଛି ଏକ ଆଧ୍ୟାତ୍ମିକ ସହର ଏବଂ ଏହିଠାରୁ ଆଧ୍ୟାତ୍ମିକତାର ଯାତ୍ରା ଆରମ୍ଭ ହେଉଛି। ଏହି ସମ୍ମିଳନୀରେ ଦେଶର ୧୦୦ରୁ ଅଧିକ ଆଧ୍ୟାତ୍ମିକ ଓ ସାମାଜିକ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକର ୫୦୦ରୁ ଅଧିକ ଯୁବ ପ୍ରତିନିଧି ଯୋଗ ଦେଇଛନ୍ତି । ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି 'ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବପିଢ଼ି' ।

## ଡିପାର୍ଟମେଣ୍ଟ ଅଫ୍ ପୋଷ୍ଟ

ଭାରତୀୟ ଡାକ ବିଭାଗ ପରବର୍ତ୍ତୀ ପିଢ଼ିର ଆଡଭାନ୍ସଡ୍ ପୋଷ୍ଟାଲ ଟେକ୍ନୋଲୋଜି– ଏପିଟି ଆପ୍ଲିକେଶନର ପ୍ରଚଳନ ବିଷୟ ଘୋଷଣା କରିଛି। ଏହାଦ୍ୱାରା ରାଷ୍ଟ୍ର ନିର୍ମାଣ ଏବଂ ଡିଜିଟାଲ ଉତ୍କୃଷ୍ଟତା ହାସଲ କରାଯାଇପାରିବ। ଏପିଟି ଆପ୍ଲିକେଶନ ଜରିଆରେ ଉପଭୋକ୍ତା ଅଭିଜ୍ଞତା ଦୃଢ଼ ହେବା ସହ ଦ୍ରୁତ ସେବା ପ୍ରଦାନ ଏବଂ ଅଧିକ ଗ୍ରାହକ ଅନୁକୂଳ ସେବା ପ୍ରଦାନ କରିବା ଲାଗି ପଦକ୍ଷେପ ନିଆଯାଇଛି। ଏହି ଏପିଟି ଅପ୍ଲିକେଶନ ଅନୁଯାୟୀ ସୋମବାରଠାରୁ ଦିଲ୍ଲୀର ଡାକଘର ଗୁଡ଼ିକରେ ଉନ୍ନୀତ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ।

ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଏହି ଉନ୍ନତ ବ୍ୟବସ୍ଥାରେ ଦ୍ରୁତ ବେଗରେ ପୋଷ୍ଟାଲ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ କରାଯାଇପାରିବ।

## ସିକିମ- କୈଳାସ ମାନସରୋବର ଯାତ୍ରା

ସିକିମରେ ନାଥୁଲା ଗିରିପଥ ଦେଇ ପବିତ୍ର କୈଳାସ ମାନସରୋବର ଯାତ୍ରା ସୁରୁଖୁରୁରେ ଚାଲିଛି। ବରିଷ୍ଠ ଅଧିକାରୀମାନେ ଆଜି ନାଥୁଲାରୁ ଷଷ୍ଠ ବ୍ୟାଚ୍ ଯାତ୍ରୀମାନଙ୍କ ତିବ୍ବତୀୟ ସ୍ୱାୟତ୍ତ ଅଞ୍ଚଳକୁ ଯାତ୍ରାର ଶୁଭାରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ, ଏ ପର୍ଯ୍ୟନ୍ତ ଚାରିଟି ବ୍ୟାଚ୍ ସଫଳତାର ସହ କୈଳାସ ମାନସରୋବର ଯାତ୍ରା ସମାପ୍ତ କରିଥିବା ବେଳେ ପଞ୍ଚମ ବ୍ୟାଚ୍ ଯାତ୍ରା ଶେଷ କରି ଗ୍ୟାଙ୍ଗଟକକୁ ଫେରୁଛନ୍ତି। ଚଳିତ ବର୍ଷ ନାଥୁଲା ଦେଇ ଆଉ ଚାରୋଟି ବ୍ୟାଚ୍ ଯାତ୍ରା କରିବେ। ସମସ୍ତ ବ୍ୟାଚ୍ ସହିତ ଡାକ୍ତର,

ରୋଷେୟା ଏବଂ ଜନସମ୍ପର୍କ ଅଧିକାରୀ ରହିଛନ୍ତି। ଯାତ୍ରା ଆରମ୍ଭ କରିବା ପୂର୍ବରୁ ତୀର୍ଥଯାତ୍ରୀମାନଙ୍କୁ ସିକିମର ବିଭିନ୍ନ ସ୍ଥାନରେ ଚାରିରୁ ପାଞ୍ଚଦିନ ରଖାଯାଇ ଯାତ୍ରାକୁ ଛଡ଼ା ଯାଉଛି। ଯାତ୍ରା ସମୟରେ ୨୪ ଘଣ୍ଟିଆ ସୁରକ୍ଷା ଓ ଅନ୍ୟାନ୍ୟ ବ୍ୟବସ୍ଥା ନିମନ୍ତେ ଆଇ.ଟି.ବି.ପି., ବି.ଆର୍.ଓ., ବି.ଏସ୍.ଏନ୍.ଏଲ୍. ଓ ସିକିମ ସରକାରଙ୍କ ସମସ୍ତ ସଂସ୍ଥା କାର୍ଯ୍ୟ କରୁଛନ୍ତି।

# ଉତ୍ତରପ୍ରଦେଶ ଆକ୍ସିଡେଣ୍ଟ

ଉତ୍ତରପ୍ରଦେଶରେ ଆଜି ଯମୁନା ଏକ୍ସପ୍ରେସ ୱେ'ରେ ବଡିଭୋରରୁ ଦୁଇଟି ଦୁର୍ଘଟଣାରେ ୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୯ ଜଣ ଆହତ ହୋଇଛନ୍ତି। ମଥୁରା ପୁଲିସ ଅଧୀକ୍ଷକ ଶ୍ଳୋକ କୁମାର କହିଛନ୍ତି, ସକାଳ ୩ଟା ବେଳେ ଏକ ମିନି ଭ୍ୟାନ୍' ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହେବା ଫଳରେ ୬ ଜଣ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ଦୁଇଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଠିକ୍ ଘଣ୍ଟାଏ ପରେ ଦିଲ୍ଲୀରୁ ମଧ୍ୟପ୍ରଦେଶ ଯାଉଥିବା ଏକ ବସ୍ ଓଲଟି ପଡ଼ିବା ଫଳରେ ୧୭ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

**V/O– Sholka Kumar**

# ଇଡି-ବେଟିଂ ଆପ୍

ବେଟିଂ ଆପ୍ ମାମଲା ସମ୍ପର୍କରେ ଟେକ୍ କମ୍ପାନୀ ଗୁଗୁଲ ଏବଂ ମେଟାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ– ଇଡି ନୋଟିସ ଜାରି କରିଛି। ଉଭୟ କମ୍ପାନୀର ପ୍ରତିନିଧିମାନଙ୍କୁ ଆସନ୍ତା ସୋମବାର ଦିନ ଦିଲ୍ଲୀ ମୁଖ୍ୟାଳୟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନଲାଇନ୍ ବେଟିଂ ଆପ୍ ଗୁଡ଼ିକର ପ୍ରଚାର

ପ୍ରସାର ଦିଗରେ ଗୁଗୁଲ୍ ଏବଂ ମେଟା ଡିଜିଟାଲ ପ୍ଲାଟଫର୍ମର ଭୂମିକା ଉପରେ ଇଡି ଯାଞ୍ଚ କରୁଛି ।

## ବିହାର - ଏସ୍.ଆଇ.ଆର୍

ନିର୍ବାଚନ ଆୟୋଗଙ୍କ ସୂଚନା ଅନୁଯାୟୀ ବିହାରରେ ସ୍ୱତନ୍ତ୍ର ଭୋଟର୍ ତାଲିକା ସଂଶୋଧନ ଅଭିଯାନରେ ଏପର୍ଯ୍ୟନ୍ତ ୭ କୋଟି ୪୮ ଲକ୍ଷରୁ ଅଧିକ ଭୋଟର ଗଣନା ଫର୍ମ ସଂଗ୍ରହ କରାଯାଇଛି । ଏହା ମୋଟ୍ ମତଦାତାଙ୍କ ୯୪ ଦଶମିକ ୬/୮ ପ୍ରତିଶତ ହୋଇଥିବା ଆୟୋଗ କହିଛନ୍ତି । କେବଳ ୫ ଦଶମିକ ୨ ପ୍ରତିଶତ ଭୋଟର୍ ଫର୍ମ ଦାଖଲ କରିବା ବାକି ରହିଛି ଏବଂ ସେମାନଙ୍କ ମଧ୍ୟରୁ ଅନେକ ଭୋଟର୍ ଆବଶ୍ୟକ ଦସ୍ତାବିଜ୍ ସହ ଫର୍ମ ଦାଖଲ କରିବାକୁ ଅଧିକ ସମୟ ଆବଶ୍ୟକ କରିଛନ୍ତି । ନିର୍ବାଚନ କମିଶନ୍ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ ୧ ଦଶମିକ ୬/୧ ପ୍ରତିଶତ ଭୋଟର୍ଙ୍କ ମୃତ୍ୟୁ ହୋଇଥିବାବେଳେ ୨ ଦଶମିକ ୩ ପ୍ରତିଶତ ଭୋଟର ସ୍ଥାନ ପରିବର୍ତ୍ତନ କରିଛନ୍ତି । ୪ ଦଶମିକ ୬/୭ ପ୍ରତିଶତ ଭୋଟର୍ ନିର୍ଦ୍ଧାରିତ ଠିକଣାରେ ନ ଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ ଏହି ଅଭିଯାନ ନିମନ୍ତେ ୭ କୋଟି ଅଣାନବେ ଲକ୍ଷରୁ ଅଧିକ ଭୋଟର୍ ଗଣନା ଫର୍ମ ମୁଦ୍ରଣ କରାଯାଇଛି ।